**Core VI** **ତୃତୀୟ ପର୍ଯ୍ୟାୟ (Semester-III)**

# ଆଧୁନିକ ଓଡ଼ିଆ ସାହିତ୍ୟର ଇତିହାସ : ସବୁଜ, ପ୍ରଗତିବାଦୀ ଧାରା ଓ ସ୍ୱାଧୀନତା ପରବର୍ତ୍ତୀକାଳ(୨୦୦୦ ପର୍ଯ୍ୟନ୍ତ)

**Course Outcome (ପାଠ୍ୟପତ୍ର ଫଳଶ୍ରୁତି) :**

ଆଧୁନିକ ଯୁଗର ସବୁଜ ଧାରାଠାରୁ ସ୍ୱାଧୀନତା ପରବର୍ତ୍ତୀକାଳ(୨୦୦୦ ପର୍ଯ୍ୟନ୍ତ) ଓଡ଼ିଆ ସାହିତ୍ୟ ରୂପରେଖ ଉପରେ ଏହି ପତ୍ରଟି ଧାରଣା ଦେବ। ବିଶେଷତଃ ସବୁଜ କାବ୍ୟଧାରା, ପ୍ରଗତିବାଦୀ ସାହିତ୍ୟ ଓ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟର ବିବିଧ ରଚନା ସମ୍ପର୍କରେ ପରିଚୟାତ୍ମକ ଜ୍ଞାନ ଛାତ୍ରଛାତ୍ରୀ ଲାଭକରିବେ ।

**Unit wise Learning Outcome (ପ୍ରତି ଏକକର ଅଧ୍ୟୟନ ଫଳଶ୍ରୁତି) :**

**୧ମ ଏକକ :** ସତ୍ୟବାଦୀ ଯୁଗ ପରେ ବିଶ୍ୱକବି ରବୀନ୍ଦ୍ରନାଥ ଓ ଇଂରାଜୀ ରୋମାଣ୍ଟିକ କବିମାନଙ୍କ ଅନୁପ୍ରେରଣାରେ ଓଡ଼ିଆ ସାହିତ୍ୟରେ କିପରି ସବୁଜ କାବ୍ୟଧାରାର ସୂତ୍ରପାତ ଘଟିଥିଲା ଏବଂ ଏକାଳର ତରୁଣ କବି ଲେଖକମାନେ ସାହିତ୍ୟକୁ କିପରି ଶ୍ୟାମଳିମାମୟ କରିଥିଲେ, ତାହା ଶିକ୍ଷାର୍ଥୀମାନେ ଏହି ଏକକରେ ଉପଲବ୍ଧି କରିବେ ।

**୨ୟ ଏକକ :** ସବୁଜଗୋଷ୍ଠୀଙ୍କ ପରେ ମାର୍କ୍ସବାଦର ପ୍ରଭାବରେ ଓଡ଼ିଶାରେ ନିପୀଡ଼ିତ ସର୍ବହରା ମଣିଷର ଜୀବନ କଥାକୁ ନେଇ ପ୍ରଗତିବାଦୀ କାବ୍ୟଧାରା କିପରି ପ୍ରସାରଲାଭ କରିଥିଲା, ତାହା ଶିକ୍ଷାର୍ଥୀମାନଙ୍କୁ ଉପଲବ୍ଧ କରାଇବ ଏହି ଏକକର ପାଠ୍ୟକ୍ରମ ।

**୩ୟ ଏକକ :** ସ୍ୱାଧୀନତା ପ୍ରାପ୍ତି ପରେ ଓଡ଼ିଆ କବିତା ଓ ନାଟକ କ୍ଷେତ୍ରରେ କିପରି ପରିବର୍ତ୍ତନ ଆସିଥିଲା, ସେ ସମ୍ପର୍କୀୟ ତଥ୍ୟମୂଳକ ଜ୍ଞାନ ଏହି ଏକକରେ ହାସଲକରିବେ ଛାତ୍ରଛାତ୍ରୀ ।

**୪ର୍ଥ ଏକକ :** ଏହି ଏକକରେ ସ୍ୱାଧୀନତା ପରକାଳର କଥାସାହିତ୍ୟ ଓ ଗଦ୍ୟସାହିତ୍ୟ ଉପରେ ଛାତ୍ରଛାତ୍ରୀ ଅବଗତ ହେବେ ।

## ପାଠ୍ୟ ବିଷୟ

**୧ମ ଏକକ** : ଓଡ଼ିଆ ସାହିତ୍ୟରେ ସବୁଜ କାବ୍ୟଧାରା

**୨ୟ ଏକକ** : ପ୍ରଗତିବାଦୀ କାବ୍ୟଧାରା

**୩ୟ ଏକକ** : ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟ ( କବିତା ଓ ନାଟକ)

**୪ର୍ଥ ଏକକ** : ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟ ( କଥାସାହିତ୍ୟ ଓ ଗଦ୍ୟସାହିତ୍ୟ )

**ସହାୟକ ଗ୍ରନ୍ଥସୂଚୀ (Book of reference) :**


(୧) ଓଡ଼ିଆ ସାହିତ୍ୟରେ ସବୁଜଧାରା (ସଂ) – ରାଘବାନନ୍ଦ ନାୟକ ।

(୨) ଓଡ଼ିଆ ସାହିତ୍ୟରେ ପ୍ରଗତିବାଦୀ ଧାରା - ବିଜୟ କୁମାର ଶତପଥୀ, ଓଡ଼ିଶା ବୁକ୍ସ ଷ୍ଟୋର, କଟକ ।

(୩) ସବୁଜରୁ ସାମ୍ପ୍ରତିକ – ନିତ୍ୟାନନ୍ଦ ଶତପଥୀ , ଗ୍ରନ୍ଥମନ୍ଦିର, କଟକ ।

(୪) ଆଧୁନିକ ଓଡ଼ିଆ କବିତାର ଭାବଭୂମି - ବଭ୍ରୁବାହନ ମହାପାତ୍ର, ବିଜୟିନୀ ପବ୍ଲିକେଶନସ୍ କଟକ ।

(୫) ଆଧୁନିକ ଓଡ଼ିଆ କାବ୍ୟସାହିତ୍ୟରେ ପାଶ୍ଚାତ୍ୟ ପ୍ରଭାବ - କ୍ଷେତ୍ରବାସୀ ନାୟକ, ଅକ୍ଷର, କଟକ ।

(୬) ସବୁଜ କବିତାର ରୂପବିଭବ - ପ୍ରମୋଦ କୁମାର ପାଢ଼ୀ, ଶ୍ୟାମା ପ୍ରକାଶନୀ, ପଦ୍ମପୁର, ବରଗଡ଼ ।

(୭) ଆଧୁନିକ ଓଡ଼ିଆ ସାହିତ୍ୟ - ଜାନକୀ ବଲ୍ଲଭ ମହାନ୍ତି, ଗ୍ରନ୍ଥ ମନ୍ଦିର, କଟକ ।

(୮) ନବଯୁଗର କବି ଓ କାବ୍ୟଧାରା- ଜାନକୀବଲ୍ଲଭ ମହାନ୍ତି, ଗ୍ରନ୍ଥମନ୍ଦିର, କଟକ ।
(୯) ସବୁଜ ଅକ୍ଷର- ଅନ୍ନଦାଶଙ୍କର ରାୟ, ଦାସ ବ୍ରଦର୍ସ, ବ୍ରହ୍ମପୁର ।

**ନମୁନା ପ୍ରଶ୍ନ (Sample Questions) :**

୧. ସବୁଜ କାବ୍ୟଧାରାର ଲେଖକମାନଙ୍କ ସମ୍ମିଳିତ ଉଦ୍ୟମରେ ଯେଉଁ ଉପନ୍ୟାସ ପ୍ରକାଶିତ ହୋଇଥିଲା, ତାହାର ନାମ ଲେଖ । (୧ ମାର୍କ)

୨. ସବୁଜ କାବ୍ୟଶିଳ୍ପୀ ବୈକୁଣ୍ଠନାଥଙ୍କ ଦୁଇଗୋଟି କବିତା ଗ୍ରନ୍ଥର ନାମ ଲେଖ । (୨ ମାର୍କ)

୩. ସ୍ୱାଧୀନତା ପରକାଳର ଓଡ଼ିଆ କାବ୍ୟଶିଳ୍ପୀଙ୍କ ମଧ୍ୟରୁ ବେଣୁଧର ରାଉତଙ୍କ କବିତାର ବିଶେଷତ୍ୱ ପ୍ରଦର୍ଶନ କର । (୫ ମାର୍କ)

୪. କଥାଶିଳ୍ପୀ ସୁରେନ୍ଦ୍ର ମହାନ୍ତି କିମ୍ବା ଗୋପୀନାଥ ମହାନ୍ତିଙ୍କ ଉପନ୍ୟାସର ମହତ୍ତ୍ୱ ବିଚାର କର । (୮ ମାର୍କ)

।